# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
## ଢେଙ୍କାନାଳ

ଦୂରଭାଷ : ୦୬୭୬୨-୨୨୪୪୧୪

ଇମେଲ୍:-ଡିକେଏଲ୍.ଡିଆଇପିଆର୍‌ଓ@ ଜିମେଲ୍.କମ୍


ପତ୍ର ସଂଖ୍ୟା ---୮୮୪---/ସୂ.ଲୋ.ସଂ ତା.-୨୭/୧୧/୨୦୧୮---

### ଢେଙ୍କାନାଳ କୈବଲ୍ୟ ବଜାରରେ "କୃଷକ ବଜାର" ଯୋଗାଣ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

ଢେଙ୍କାନାଳ, ତା ୨୭/୧୧/୨୦୧୮ରିଖ:- ନିୟନ୍ତ୍ରିତ ବଜାର କମିଟି, ଢେଙ୍କାନାଳ ଦ୍ୱାରା ସ୍ଥାପିତ ଢେଙ୍କାନାଳ ସହରର ଗାୟତ୍ରୀ ମନ୍ଦିର ନିକଟ କୈବଲ୍ୟ ବଜାରଠାରେ ନିର୍ମିତ "କୃଷକ ବଜାର"କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ଶ୍ରମ ବିଭାଗ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂହ ଆଜି ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଇସ୍ପାତ ଓ ଖଣି ଏବଂ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ଢେଙ୍କାନାଳ ବିଧାୟକ ଶ୍ରୀ ସୁଧୀର କୁମାର ସାମଲ ଉପସ୍ଥିତ ଥିଲେ।

ଏହି "କୃଷକ ବଜାର" ଦ୍ୱାରା କୃଷକ, ଖାଉଟି ଏବଂ ବ୍ୟବସାୟୀମାନଙ୍କର କଲ୍ୟାଣ ହେବା ସହିତ ଢେଙ୍କାନାଳ ସହରର ସାଧାରଣ ଜନତା ସେମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସହଜରେ କ୍ରୟ କରିପାରିବେ। ଏହି କୃଷକ ବଜାରରେ ୪୨ଟି ଗୁମ୍ଟି, ୩ଟି ଗୋଦାମ, ୨ଟି ଶୀତଳ ଗୃହ, କାର୍ଯ୍ୟାଳୟ, କ୍ୟାଣ୍ଟିନ ସହ କାଂକ୍ରିଟ୍ ରୋଡ୍ ଡ୍ରେନ୍ ସହ ବସିବାପାଇଁ ବ୍ୟବସ୍ଥା ରହିଛି। ସମୁଦାୟ ୪୦ ଡିସିମିଲ ଜାଗାରେ ନିର୍ମିତ ଏହି କୃଷକ ବଜାର ନିର୍ମାଣ ପାଇଁ ୮୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ନିୟନ୍ତ୍ରିତ ବଜାର କମିଟି, ଢେଙ୍କାନାଳର ସମ୍ପାଦକ ଶ୍ରୀ ନିରଞ୍ଜନ ସେଠ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଉମେଶ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ, ଢେଙ୍କାନାଳ ଶ୍ରୀ ସାଙ୍ଖ୍ୟ ମହାନ୍ତି ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ, ଆର୍.ଏମ୍.ସି. ଉପାଧ୍ୟକ୍ଷ ଶ୍ରୀମତୀ ସାରିକା ମିଶ୍ର, ଓସାମ୍‌ବୋର୍ଡ ସଦସ୍ୟ ଶ୍ରୀ ଦିଲ୍ଲୀପ ମିଶ୍ର, ମାର୍କେଟ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

— x —

ହେମନ୍ତ କୁମାର ନାୟକ
୨୭/୧୧/୨୦୧୮

ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ
ଢେଙ୍କାନାଳ